# ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ବିଦ୍ୟାଳୟ ସମୂହର ପାରା -କ୍ରୀଡା ପ୍ରତିଯୋଗିତା ।

ଅନୁଗୋଳ ତା.୨୫.୧୧—ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟରେ ଥିବା ଭିନ୍ନକ୍ଷମ ମାନଂକୁ ସଶକ୍ତିକରଣ କରି ସେମାନଂକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନରେ ଅନୁଗୋଳ ଷ୍ଟାଡିୟମଠାରେ ଭିନ୍ନକ୍ଷମ ବିଦ୍ୟାଳୟ ସମୂହର ପାରା କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଛି । ଜିଲ୍ଲା ସମାଜିକ ନିରାପତ୍ତା ବିଭାଗ ଓ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅୟୋଜିତ ଏହି କ୍ରୀଡା ପ୍ରତିଯୋଗିତାକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଭିନ୍ନକ୍ଷମ ପିଲାମାନଂକୁ ଉତ୍ସାହିତ କରିଥିଲେ । ଭିନ୍ନକ୍ଷମ ମାନଂକୁ ଉଚିତ ସମ୍ମାନ ପ୍ରଦର୍ଶନ କରିବା ସହ ବିଭିନ୍ନ କ୍ଷେତ୍ରରେ ସେମାନଂକୁ ଉତ୍ସାହିତ କରିବାକୁ ପରମର୍ଶ ଦେଇଥିଲେ । ଭିନ୍ନକ୍ଷମ ମାନଂକ ମଧ୍ୟରେ ଅନେକ ପ୍ରତିଭା ରହିଛି । ଏହି ପ୍ରତିଭା ବଳରେ ସେମାନେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପାରଦର୍ଶିତା ପ୍ରଦର୍ଶନ କରି ଆମ ଦେଶ ତଥା ରାଜ୍ୟର ସୁନାମ ବଢାଇଛନ୍ତି । ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହଁନ୍ତି , ସେମାନେ ସକ୍ଷମ ମାନଂକ ସହ ସମାନ । ସେମାନଂକ ପ୍ରତି ଅବହେଳା ଓ ଅଣଦେଖାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ । ସେମାନେ ତାଂକର ନ୍ୟାର୍ଯ୍ୟ ଦାବି କିପରି ହାସଲ କରିପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନେ ବିଶେଷ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ପିଲାଟିଏ ଜନ୍ମରୁ ହେଉ କିମ୍ବା ପରବର୍ତ୍ତି ସମୟରେ ଭିନ୍ନକ୍ଷମ ହୋଇଥିବାରୁ ଏହାକୁ ଭଗବାନଂକ ସୃଷ୍ଟିରେ ଏକ ଅଶିର୍ବାଦ ଭାବି ପିଲାଟିର ଉପଯୁକ୍ତ ଯତ୍ନ ନେବା ସହ ସବୁ କ୍ଷେତ୍ରରେ ଉତ୍ସାହିତ କରିବାକୁ ଜିଲ୍ଲପାଳ ପରାମର୍ଶ ଦେଇଛନ୍ତି। ଶିକ୍ଷକ ଶିକ୍ଷୟତ୍ରୀମାନେ ପିଲାଂକର ମନୋବଳ ବୃଦ୍ଧି କରିବା ସହ ଭବିଷ୍ୟତରେ ଜଣେ ସଫଳ ପ୍ରତିଷ୍ଠିତ ବ୍ୟକ୍ତି ହେବା ନିମନ୍ତେ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା, ସମଗ୍ର ଶିକ୍ଷାର ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚଂଦ୍ର ସେଠୀ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମାଧବ ଚଂଦ୍ର ବରାଡ୍, ଜିଲ୍ଲା ସମାଜ ମଂଗଳ ଅଧିକାରୀଣି ଶ୍ରୀମତୀ ଆଲମା ବରୁଆ ଓ ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଯୋଗ ଦେଇ ପିଲାମାନଂକୁ ଉତ୍ସାହିତ କରିଥିଲେ । ପରେ ଜିଲ୍ଲାପାଳ କ୍ରିଡା ପତାକା ଉତ୍ତୋଳନ କରିବା ସହ କ୍ରିଡାରେ ଭାଗ ନେଇଥିବା ପ୍ରତିଯୋଗିମାନଂକୁ ଶପଥ ପାଠ କରାଇଥିଲେ । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା 16 ହଜାର 720 ଜଣ ଭିନ୍ନକ୍ଷମଂକୁ ଚିହ୍ନଟ ସରିଛି । ଆଜିର ଏହି କ୍ରିଡା ପ୍ରତିଯୋଗିତାରେ ଭିନ୍ନକ୍ଷମଂକ ପାଇଁ 10 ପ୍ରକାର କ୍ରିଡା ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଛି । ଏହି କ୍ରିଡା ପ୍ରତିଯୋଗିତାରେ ସମସ୍ତ ୫ଟି ବ୍ଲକ ଓ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକରୁ ୨୫୦ ଜଣ ଭିନ୍ନକ୍ଷମ ପ୍ରତିଯୋଗି ଅଂଶଗ୍ରହଣ କରିଛନ୍ତି ।


TRICT LEVEL



